# NATIONAL NEWS BULLETIN (ODIA)

## 4 July - 2026

## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ଦେଶର ତୃତୀୟ ସେମିକଣ୍ଡକ୍ଟର ପ୍ଲାଣ୍ଟକୁ ଆଜି ଗୁଜୁରାଟରେ ଲୋକାର୍ପଣ କଲେ ପ୍ରଧାନମନ୍ତ୍ରୀ
- ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବ ସଂସଦର ମୌସୁମୀ ଅଧିବେଶନ
- ଇରାନ୍‌ର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୁଲ୍ଲା ସୟେଦ ଅଲ୍ଲୀ ଖାମେନେଇଙ୍କର ଅନ୍ତ୍ୟୋଷ୍ଟିକ୍ରିୟା କାର୍ଯ୍ୟକ୍ରମ ଆଜିଠାରୁ ଆରମ୍ଭ
- ଦ୍ୱିତୀୟ ଟି-୨୦ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଇଂଲଣ୍ଡ ବିପକ୍ଷରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଭାରତର ନିଷ୍ପତ୍ତି

ଏବଂ

- ଫିଫା ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟର ଷୋଡ଼ଶ ପର୍ଯ୍ୟାୟ ଆରମ୍ଭ ହେବ ଆଜିଠାରୁ

# ପିଏମ୍– ଗୁଜୁରାଟ

ଭାରତର ସେମିକଣ୍ଡକ୍ଟର ମିଶନକୁ ଏକ ପ୍ରମୁଖ ପ୍ରୋତ୍ସାହନ ସ୍ୱରୂପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସନ୍ଧ୍ୟାରେ ଗୁଜୁରାଟ ଗସ୍ତ କରି ସାନନ୍ଦଠାରେ ସେମିକଣ୍ଡକ୍ଟର ଆସେମ୍ବ୍ଲି ଏବଂ ପରୀକ୍ଷଣ କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି। ୭ ହଜାର ୫୦୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ଦେଶର ସେମିକଣ୍ଡକ୍ଟର ନିର୍ମାଣ କ୍ଷେତ୍ରରେ ଏକ ପ୍ରମୁଖ ମାଇଲଖୁଣ୍ଟ ଭାବେ ସାବ୍ୟସ୍ତ ହେବ ବୋଲି କୁହାଯାଇଛି। ଏହି କେନ୍ଦ୍ରରୁ ବାର୍ଷିକ ୫ ବିଲିୟନ୍ ପର୍ଯ୍ୟନ୍ତ ସେମିକଣ୍ଡକ୍ଟର ଚିପ୍ ଉତ୍ପାଦିତ ହେବାର ସୁବିଧା ରହିଛି। ଏହାଦ୍ୱାରା ବିଶ୍ୱସ୍ତରରେ ଏ କ୍ଷେତ୍ରରେ ଦେଖା ଦେଉଥିବା କ୍ରମବର୍ଦ୍ଧିଷ୍ଣୁ ଚାହିଦା ପୂର୍ଣ୍ଣ କରିବା ଦିଗରେ ଏହି ସେମିକଣ୍ଡକ୍ଟର ପ୍ରକଳ୍ପ ସଫଳ ହୋଇପାରିବ। ଏହି ଅବସରରେ ଆୟୋଜିତ ଏକ ସମାବେଶରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଛନ୍ତି, ଭାରତ ଯେଉଁ ପ୍ରକଳ୍ପ ଲାଗି ଥରେ ସଂକଳ୍ପବଦ୍ଧ ହୁଏ, ତାହାକୁ ସମ୍ପୂର୍ଣ୍ଣ କରିବା ଦିଗରେ ନିଜର ପ୍ରତିବଦ୍ଧତା ପ୍ରତିପାଦିତ କରିଥାଏ ବୋଲି ଆଜିର ଏହି ସେମିକଣ୍ଡକ୍ଟର ପ୍ରକଳ୍ପର ଲୋକାର୍ପଣରୁ ପ୍ରତିଫଳିତ ହେଉଛି। ୫ ବର୍ଷ ପୂର୍ବେ ଦେଶକୁ ଏକ ସେମିକଣ୍ଡକ୍ଟର ହବ୍ ରୂପେ ପରିଣତ କରିବା ଲାଗି ସଂକଳ୍ପ ନିଆଯାଇଥିଲା।

ମେକ୍-ଇନ୍-ଇଣ୍ଡିଆ ଓ ଡିଜାଇନ୍-ଇନ୍-ଇଣ୍ଡିଆ ମନ୍ତ୍ରକୁ ନେଇ ଦେଶ ଏ କ୍ଷେତ୍ରରେ ଅଗ୍ରସର ହୋଇଥିଲା। ଏହାର ଫଳସ୍ୱରୂପ ଆଜି ଚିପ୍ ଉତ୍ପାଦନ ଲାଗି ଦେଶର ତୃତୀୟ ସେମିକଣ୍ଡକ୍ଟର ପ୍ଲାଣ୍ଟ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ମତବ୍ୟକ୍ତ କରିଛନ୍ତି।

**V/O–PM-MODI-semiconductorer**

ଏହି ସମାବେଶରେ ଉଦ୍‌ବୋଧନ ଦେଇ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ପ୍ଲାଣ୍ଟରେ ଉତ୍ପାଦିତ ହେବାକୁ ଥିବା ଚିପ୍ସ ଗୁଡ଼ିକୁ କାର୍, ସ୍କୁଟର ଏବଂ ବିଭିନ୍ନ ଶିଳ୍ପାନୁଷ୍ଠାନରେ ବ୍ୟବହୃତ ହୋଇପାରିବ। ଏତଦ୍‌ବ୍ୟତୀତ ଭାରତରେ ନିର୍ମିତ ଚିପ୍ସଗୁଡ଼ିକ ଏଣିକି ଜାପାନ, ଆମେରିକା ଏବଂ ୟୁରୋପକୁ ରପ୍ତାନୀ କରାଯିବ। ସେମିକଣ୍ଡକ୍ଟର ପ୍ଲାଣ୍ଟ ଉପରେ ଆଲୋକପାତ କରି ଶ୍ରୀ ବୈଷ୍ଣବ କହିଛନ୍ତି...

**V/O–ASHWANI**

# ପିଏମ୍-ରାଜସ୍ଥାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦିନିକିଆ ରାଜସ୍ଥାନ ଓ ଗୁଜୁରାଟ ଗସ୍ତରେ ଯାଇଛନ୍ତି। ପ୍ରଥମେ ସେ ରାଜସ୍ଥାନ ଗସ୍ତ କରି ୧ ଲକ୍ଷ ୬ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର

ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି । ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ପେଟ୍ରୋକେମିକାଲ୍ସ, ସହରାଞ୍ଚଳ ପରିବହନ, ରେଳ ଏବଂ ସଡ଼କ ଯୋଗାଯୋଗ, ନବୀକରଣୀୟ ଶକ୍ତି ଓ ବିଦ୍ୟୁତ ପରିବହନ ଆଦି କ୍ଷେତ୍ର ଅନ୍ତର୍ଭୁକ୍ତ । ଯୋଦ୍ଧପୁର ବିମାନବନ୍ଦରର ନୂତନ ଟର୍ମିନାଲ ଅଟ୍ଟାଳିକାକୁ ଉଦ୍‌ଘାଟନ କରିବା ପରେ ପ୍ରଧାନମନ୍ତ୍ରୀ ବାଲତାରା ଜିଲ୍ଲା ଅନ୍ତର୍ଗତ ପଚ୍ଛପଦରାଠାରେ ଗ୍ରୀନଫିଲ୍ଡ ରିଫାଇନାରୀ ପେଟ୍ରୋକେମିକାଲ୍ସ କମ୍ପ୍ଲେକ୍ସକୁ ଦେଶ ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି । ଏଥିସହିତ ଶ୍ରୀ ମୋଦୀ ଜୟପୁର ମେଟ୍ରୋ ଦ୍ୱିତୀୟ ପର୍ଯ୍ୟାୟ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ଆୟୋଜିତ ଏକ ଜନସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପଶ୍ଚିମ ଏସିଆ ବିବାଦ ଏକବିଂଶ ଶତାବ୍ଦୀର ସବୁଠାରୁ ବଡ଼ ଶକ୍ତି ସଂକଟ ଭାବେ ଉଭା ହୋଇଛି । ତେବେ ସମୟୋଚିତ ନିଷ୍ପତ୍ତି, କୂଟନୈତିକ ପଦକ୍ଷେପ ଏବଂ ଜାତୀୟ ସମ୍ବଳର ଉପଯୁକ୍ତ ପରିଚାଳନା ମାଧ୍ୟମରେ ଭାରତ ଏହି ଆହ୍ୱାନକୁ ସଫଳତାର ସହ ମୁକାବିଲା କରିପାରିଛି । ବିଶ୍ୱବ୍ୟାପି ବିଭିନ୍ନ ଦେଶ ସହିତ ଭାରତର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ହିଁ ଏହି ସଂକଟ ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି । ଏହାର ଫଳସ୍ୱରୂପ ପୂର୍ବରୁ ଭାରତ ପ୍ରାୟ ୨୫ରୁ ୨୬ଟି ଦେଶରୁ ଶକ୍ତି ଉତ୍ସ ଆମଦାନୀ କରୁଥିଲା । ତେବେ ଏହି ସଂକଟ ସମୟରେ ବନ୍ଧୁ ରାଷ୍ଟ୍ରଙ୍କ ସଂଖ୍ୟା ୪୦କୁ ବୃଦ୍ଧି ପାଇଥିଲା । ଏହାଦ୍ୱାରା ବିଶ୍ୱସ୍ତରରେ

ଇନ୍ଧନ ଯୋଗାଣ ବାଧାପ୍ରାପ୍ତ ହେବା ସତ୍ତ୍ୱେ ଭାରତରେ ଏହାର ନିରବଚ୍ଛିନ୍ନ ଯୋଗାଣ ଜାରି ରହିଥିଲା ବୋଲି ଶ୍ରୀ ମୋଦୀ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ସଂକଟ ସ୍ଥିତି ଅନୁଭୂତି ହେବା ମାତ୍ରେ ଭାରତ ନିଜର ରିଫାଇନାରୀ ସାମର୍ଥ୍ୟ ଉପରେ ପ୍ରାଧାନ୍ୟ ଦେଇ ପଦକ୍ଷେପ ନେବା ଆରମ୍ଭ କରିଥିଲା। ଶିଳ୍ପାନୁଷ୍ଠାନ ଲାଗି ବ୍ୟବହୃତ ହେଉଥିବା ଗ୍ୟାସ ବଦଳରେ ଘରୋଇ ବ୍ୟବହାର ପାଇଁ ଏଲ୍.ପି.ଜି. ପ୍ରସ୍ତୁତ କରିବା ଲାଗି ରିଫାଇନାରୀଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶ ଦେବାର ୭ଦିନ ମଧ୍ୟରେ ଦେଶରେ ଏଲ୍.ପି.ଜି. ଉତ୍ପାଦନରେ ଉଲ୍ଲେଖନୀୟ ବୃଦ୍ଧି ଘଟିଥିଲା। ଫଳରେ ଦେଶରେ ପୂର୍ବରୁ ୩୫ ହଜାର ମେଟ୍ରିକ ଟନ୍ ଏଲ୍.ପି.ଜି. ପ୍ରସ୍ତୁତ ହେଉଥିବା ବେଳେ ଏହି ସଂକଟ ସମୟରେ ଏହା ୫୪ ହଜାର ମେଟ୍ରିକ ଟନ୍‌ରେ ପହଁଞ୍ଚିଥିଲା ବୋଲି ଶ୍ରୀ ମୋଦୀ କହିଛନ୍ତି।

**V/O–PM-MODI-LPG-SUPPLY**

# ରିଜିଜୁ– ମନସୁନ୍ ସିଜିନ୍

ସଂସଦର ମୌସୁମୀ ଅଧିବେଶନ ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବ। ଏହି ଅଧିବେଶନ ଅଗଷ୍ଟ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ସୂଚନା ଦେଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ରିଜିଜୁ କହିଛନ୍ତି, ଏହି ଅଧିବେଶନ ସମ୍ପର୍କି

ପ୍ରସ୍ତାବ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଅନୁମୋଦିତ ହୋଇଛି। ଏହି ଅଧିବେଶନରେ ଜାତୀୟ ଗୁରୁତ୍ୱବହନ କରୁଥିବା ପ୍ରସଙ୍ଗଗୁଡ଼ିକ ଉପରେ ଅର୍ଥପୂର୍ଣ୍ଣ ବିତର୍କ, ଆଲୋଚନା ଏବଂ ନିଷ୍ପତ୍ତି ନିଆଯିବା ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ନେବେ ବୋଲି ଶ୍ରୀ ରିଜିଜୁ କହିଛନ୍ତି।

## ଇରାନ୍–ଖାମନେଇ ଫୁନେରାଲ

ଇରାନ୍‌ର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୁଲ୍ଲା ସୟେଦ ଅଲ୍ଲୀ ଖାମେନେଇଙ୍କର ୬ ଦିନିଆ ଅନ୍ତ୍ୟୋଷ୍ଟିକ୍ରିୟା କାର୍ଯ୍ୟକ୍ରମ ତେହରାନ୍‌ଠାରେ ଆଜିଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ହଜାର ହଜାର ଇରାନ୍‌ବାସୀ ଖାମନେଇଙ୍କ ପ୍ରତି ନିଜର ଶେଷ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ନିମନ୍ତେ ଏକତ୍ରୀତ ହୋଇଛନ୍ତି। ଏହି ଅବସରରେ ଇରାନ୍‌ର ବରିଷ୍ଠ ନେତୃବୃନ୍ଦ, ସାମରିକ କମାଣ୍ଡର ଏବଂ ବିଦେଶୀ ଅତିଥିଗଣ ଖାମନେଇଙ୍କ ପ୍ରତି ନିଜର ସମ୍ମାନ ପ୍ରଦର୍ଶନ ଲାଗି ତେହରାନ୍‌ର ଗ୍ରାଣ୍ଡ ମୋସାଲାଠାରେ ଏକତ୍ରୀତ ହୋଇଛନ୍ତି। ଭାରତ ପକ୍ଷରୁ ବିହାରର ରାଜ୍ୟପାଳ, ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ ସୟିଦ ଆତା ହସନନ୍ ଏବଂ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଘେରିଟା' ଖାମନେଇଙ୍କର ଶେଷକୃତ୍ୟରେ ସାମିଲ ହୋଇଛନ୍ତି। ଏହାଛଡ଼ା ରୁଷ୍ ରାଷ୍ଟ୍ରପତି ଡିମିତ୍ରି ମେଦଭେଦେବ, ଆଫଗାନିସ୍ତାନର କାର୍ଯ୍ୟକାରୀ ବୈଦେଶିକ ମନ୍ତ୍ରୀ ଅମିର ଖାଁ ମୁତ୍ତାକି ଏବଂ ଚୀନ୍‌ର ବରିଷ୍ଠ ପ୍ରତିନିଧି ହେ ୱି'ଙ୍କ ସମେତ ବିଭିନ୍ନ ଦେଶର ପ୍ରତିନିଧି ଏଥିରେ ସାମିଲ ହୋଇଛନ୍ତି। ଏଠାରେ ସୂଚନା ଦିଆଯାଇପାରେ, ଗତ

ଫେବୃଆରୀ ୨୮ ତାରିଖରେ ଇରାନ୍ ସହ ଯୁଦ୍ଧ ସମୟରେ ଆମେରିକା ଓ ଇସ୍ରାଏଲ ପକ୍ଷରୁ ହୋଇଥିବା ବିମାନ ଆକ୍ରମଣ ଫଳରେ ଖାମନେଇଙ୍କର ମୃତ୍ୟୁ ହୋଇଥିଲା।

## ଗଭ୍– ଓନିଅନ୍ ପ୍ରାଇସ୍

ସରକାର ମୂଲ୍ୟ ସ୍ଥିରୀକରଣ ବଫର ଲାଗି ପିଆଜ ସଂଗ୍ରହ ମୂଲ୍ୟରେ ୧୩ ପ୍ରତିଶତ ବୃଦ୍ଧି କରିଛନ୍ତି। ଫଳରେ କୁଇଣ୍ଟାଲ ପିଛା ଏହି ଦର ୧ ହଜାର ୮୭୫ ଟଙ୍କାରୁ ବୃଦ୍ଧି ପାଇ ୨ ହଜାର ୧୨୫ ଟଙ୍କାରେ ପହଁଞ୍ଚିଛି। ଏହି ନୂତନ ଦର ଆଜିଠାରୁ ଲାଗୁ ହୋଇଛି ବୋଲି ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମନ୍ତ୍ରଣାଳୟ କହିଛି, ଏହି ସଂଶୋଧିତ ସଂଗ୍ରହ ଦର ଦ୍ୱାରା ପିଆଜ ଚାଷୀମାନେ ଉପକୃତ ହୋଇପାରିବେ। ସରକାରଙ୍କର ଦର ସ୍ଥିରୀକରଣ ବଫର ଲାଗି ଦେଶବ୍ୟାପୀ ନାଫେଡ୍ ଓ ଏନ୍.ସି.ସି.ଏଫ୍. ମାଧ୍ୟମରେ ପିଆଜ ସଂଗ୍ରହ କରାଯାଉଛି। ବର୍ତ୍ତମାନ ଦେଶବ୍ୟାପୀ କିଲୋଗ୍ରାମ ପିଛା ଖୁଚୁରା ପିଆଜ ଦର ହାରାହାରି ୩୧ ଟଙ୍କା ରହିଥିବାବେଳେ ଚଳିତ ବର୍ଷ ଜୁନ୍ ମାସରେ ପ୍ରାୟ ଦେଢ଼ ଲକ୍ଷ ମେଟ୍ରିକ ଟନ୍ ପିଆଜ ରପ୍ତାନୀ ହୋଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ଗୋଏଲ୍– ସ୍ୱରାଜ–୧୭ତମ ଟଏ ବିଜ୍ ଏକ୍ସପୋ

ଦେଶ ନିର୍ମାଣ କ୍ଷେତ୍ରରେ ଭାରତୀୟ ଖେଳଣା ଉତ୍ପାଦନକାରୀମାନଙ୍କର ଏକ ପ୍ରମୁଖ ଅବଦାନ ରହିଛି ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋଏଲ କହିଛନ୍ତି। ଆଜି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ୧୭ତମ ଖେଳଣା ବିଜ୍ ଆନ୍ତର୍ଜାତିକ ବି-ଟୁ-ବି' ପ୍ରଦର୍ଶନୀରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି। ଶ୍ରୀ ଗୋଏଲ କହିଛନ୍ତି, ଦେଶକୁ ଏଣିକି ଖେଳଣା ଆମଦାନୀ ହାର ହ୍ରାସ ପାଇବାରେ ଲାଗିଛି। ମେଡ୍-ଇନ୍-ଇଣ୍ଡିଆ ଉତ୍ପାଦଗୁଡ଼ିକ ଘରୋଇ ଖେଳଣା ବଜାରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ଭାରତକୁ ବିଶ୍ୱ ଖେଳଣା ହବ୍ ରୂପେ ଗଢ଼ିତୋଳିବା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଦୃଷ୍ଟିକୋଣକୁ ସଫଳ କରିବା ଲାଗି ମେଡ୍-ଇନ୍-ଇଣ୍ଡିଆ ଏବଂ ଜାତୀୟ ଖେଳଣା କାର୍ଯ୍ୟାନୁଷ୍ଠାନ ଯୋଜନା -୨୦୨୦ କାର୍ଯ୍ୟକାରୀ କରାଯାଇଥିଲା। ଏହାଦ୍ୱାରା ଖେଳଣା ନିର୍ମାଣ କ୍ଷେତ୍ରରେ ରୂପାନ୍ତରୀକରଣ ସମ୍ଭବ ହୋଇଥିଲା ବୋଲି ଶ୍ରୀ ଗୋଏଲ କହିଛନ୍ତି।

## ମେନ୍ସ କ୍ରିକେଟ୍ ଟି-୨୦

ମାଞ୍ଚେଷ୍ଟରରେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଟି-୨୦ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍  ଜାରି ରହିଛି।  ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଛି। ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିଲା ।

## ଫିଫା ବିଶ୍ୱକପ

ଫିଫା ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟର ଷୋଡ଼ଶ ପର୍ଯ୍ୟାୟ ଆଜିଠାରୁ ଆରମ୍ଭ ହେବ। ଆଜି ରାତିରେ ଟେକ୍ସାସ୍‌ଠାରେ କାନାଡ଼ା ଓ ମରକ୍କୋ ମଧ୍ୟରେ ମୁକାବିଲା ହେବ। ଏହି ମ୍ୟାଚ୍ ଭାରତୀୟ ସମୟ ରାତି ୧୦ଟା ୩୦ ମିନିଟ୍‌ରେ ଆରମ୍ଭ ହେବ। ସେହିଭଳି ଏହି ପର୍ଯ୍ୟାୟର ଅନ୍ୟ ଏକ ମ୍ୟାଚ୍‌ରେ ପାରାଗୁଏ' ଫ୍ରାନ୍ସକୁ ଭେଟିବ। ଆମେରିକାର ଫିଲା-ଡେଲଫିଆଠାରେ ଏହି ମ୍ୟାଚ୍ ଭାରତୀୟ ସମୟ ରାତି ୨ଟା ୩୦ ମିନିଟ୍‌ରେ ଆରମ୍ଭ ହେବ।